# କୃଷି ମୌସମ ସେବା
# ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର,କେନ୍ଦୁଝର

**ସପ୍ତାହ -13 ତାରିଖ-26.03.2024**

| | Date | Rainfall (mm) | T-MAX (C) | T-MIN (C) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| **Keonjhar** | 27-03-2024 | 0 | 35 | 21 | 0 | 63 | 24 | 9 | 202 |
| | 28-03-2024 | 0 | 35 | 21 | 0 | 67 | 17 | 8 | 180 |
| | 29-03-2024 | 0 | 37 | 22 | 0 | 60 | 15 | 8 | 158 |
| | 30-03-2024 | 0 | 37 | 22 | 0 | 67 | 17 | 10 | 171 |
| | 31-03-2024 | 10 | 37 | 22 | 8 | 51 | 18 | 9 | 248 |

**ପାଣିପାଗ ସାରାଂଶ/ ସତର୍କ:**

IMD ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ପାଞ୍ଚ ଦିନ ମଧ୍ୟରେ **କେନ୍ଦୁଝରରେ ବର୍ଷା ର ସମ୍ଭାବନା ନାହିଂ କିନ୍ତୁ 31 March ରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।** ଏହି ସମୟରେ ପାଗ ଶୁଖିଲା ଏବଂ 31 March ରେ ମେଘୁଆ ରହିବାର ଆକଳନ କରା ଯାଇଅଛି। ପବନ ର ବେଗ 8-10 କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା 35-37 ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା 21-22 ଡିଗ୍ରୀ ରହିବାର ସମ୍ଭାବନା ରହିଛି।

**ସତର୍କ:**

- କେନ୍ଦୁଝର ଜିଲ୍ଲା କୁ କୌଣସି ସତର୍କ ସୂଚନା ଦିଆ ଯାଇ ନାହିଂ।

**ସାଧାରଣ ପରାମର୍ଶ:**

- ପରିପକ୍ୱ ହୋଇଯାଇଥିବା ପନିପରିବା ଅମଳ କରିନିଅନ୍ତୁ।
- ଗଛ ମୂଳରେ ଡ୍ରିପ ଇରିଗେଶନ କିମ୍ବା ବୁନ୍ଦା ଜଳ ସେଚନ କରିବା ଉଚିତ।
- ପୋକ ରୁ ରକ୍ଷା ପାଇଁ Celphos ଟାବ୍ଲେଟ ବ୍ୟବହାର କରନ୍ତୁ।

- କ୍ଷେତ ରେ ରୋଗ ପୋକ ର ନିରୀକ୍ଷଣ ନିୟମିତ ସମୟରେ କରନ୍ତୁ।

**ସଂକ୍ଷିପ୍ତ ଉପଦେଶ:**

- ଜିଆ ଖତ ଅଧିକା ମାତ୍ରା ରେ ବ୍ୟବହାର କରନ୍ତୁ।

**ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ:**

| **ଶସ୍ୟ** | **ଶସ୍ୟ ର ଅବସ୍ଥା/ ସ୍ଥିତି** | **ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ** |
|---|---|---|
| **ବୁଟ** | ଫୁଲ ଏବଂ ଫଳ | • ପରିପକ୍ୱ ବୁଟ କୁ ଅମଳ କରି ନିଅନ୍ତୁ।<br>• ଗଛ ରେ ରୋଗ ପୋକ ଲାଗିବାର ସମ୍ଭାବନା ଅଧିକା ଅଛି, ତେଣୁ ପ୍ରତିଦିନ ନିରୀକ୍ଷଣ କରନ୍ତୁ।<br>• ବୁଟ ରେ ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨.୫ ଲିଟର ନିମ୍ବ ତେଲ କିମ୍ବା ୧ ଲିଟର ପାଣିରେ ୨ ମି. ଲି Triazophos ପ୍ରୟୋଗ କରନ୍ତୁ । |
| **ପେଶୀ** | ଅମଳ ଅବସ୍ଥା | • ପେଶୀ କିମ୍ବା ଟିସି କୁ ଅମଳ କରି ନିଅନ୍ତୁ।<br>• ମଞ୍ଜି କୁ ସଫା ସ୍ଥାନ ରେ ବାହାର କରନ୍ତୁ।<br>• ଅମଳ ଟିସି କୁ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ। |
| **ସୋରିଷ** | ଅମଳ ଅବସ୍ଥା | • ସୋରିଷ ଅମଳ କଳା ପରେ ସୂର୍ଯ୍ୟ କିରଣ ରେ ଶୁଖାଇ ତାର ଆଦ୍ରତା 10-12 % ଯାଏଁ ହ୍ରାସ କରନ୍ତୁ।<br>• ସୋରିଷ କୁ ସଫା କରିକି ବଜାର ରେ ଉଚିତ ଦାମ ରେ ବିକ୍ରି କରିପାରିବେ। |
| **ପନିପରିବା:** | | |

| | | |
|---|---|---|
| ଫୁଲକୋବି | ଅମଳ ଅବସ୍ଥା | • ପରିପକ୍ୱ ହେଇ ଆସିଥିବା ଫୁଲକୋବି କୁ ଅମଳ କରି ସ୍ଥାନୀୟ ବଜାର ରେ ବିକ୍ରି କରି ଦିଅନ୍ତୁ।<br>• କର୍ତ୍ତକ କୀଟ ର ନିୟନ୍ତ୍ରଣ ପାଇଁ Chloropyriphos @ 2 ml/lt ବ୍ୟବହାର କରନ୍ତୁ। |
| କାକୁଡି | | • ମଞ୍ଜି ବୁଣିବା ପର ସ୍ଥିତି ରେ ଜଳ ସେଚନ କରନ୍ତୁ।<br>• ଜିଆ ଖତ ବ୍ୟବହାର କରନ୍ତୁ।<br>• ଦାଉନି ମିଲଡିଉ ର ନିୟନ୍ତ୍ରଣ ପାଇଁ Mancozeb @ 2 ଗ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ବାଇଗଣ | ଫୁଲ ଏବଂ ଫଳ | • ପାକଳ ହୋଇଯାଇଥିବା ବାଇଗଣକୁ ତୋଳି ସୁରକ୍ଷିତ ସ୍ଥାନରେ ରଖନ୍ତୁ।<br>• କାଣ୍ଡ ଓ ଫଳ ବିନ୍ଧା ପୋକ କୁ ନିୟନ୍ତ୍ରଣ କରିବା ପାଇଁ Emamectin benzoate@ 4 g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| ଲଙ୍କା | ଫୁଲ ଏବଂ ଫଳ | • ପତ୍ରମୋଡା ରୋଗର ନିୟନ୍ତ୍ରଣ ପାଇଁ Imidachloprid 17.8% SL@ 3 ml/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ଗଛ ଝାଉଂଲା ଦେଖା ଦେଲେ ଜଳ ସେଚନ ର ବ୍ୟବସ୍ଥା କରନ୍ତୁ। |
| ଟମାଟ | ଫୁଲ ଏବଂ ଫଳ | • ବାଡି ର ବ୍ୟବହାର କରିକି ଗଛ କୁ ଟେକିକି ରଖନ୍ତୁ, ଯେପରିକି ଟମାଟ ଫଳ ମାଟିର ସଂସ୍ପର୍ଶରେ ନ ଆସେ।<br>• ଟମାଟ ନାଲି ପଡିଆସୁଥିଲେ ତାକୁ ତୋଳି ଦିଅନ୍ତୁ।<br>• ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Flubendiamide@ 5 g/10ltପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଫଳ:** | | |
| ଆମ୍ବ | ଫୁଲ/ବଉଳ | • ଆମ୍ବ ରେ ଦହିୟା ପୋକ ର ନିୟନ୍ତ୍ରଣ ପାଇଁ Thiomethoxam @ 0.5 g ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ଆମ୍ବ ରେ ଫୁଲ ଝଡିବା କୁ ରୋକିବା ପାଇଁ **Planofix @** 0.4 ml ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |

| | | |
|---|---|---|
| କଦଳୀ | | • ଗଛ ମୂଳରୁ ୩୦ ସେ. ମି ଦୂରରେ ଶଢା ଗୋବର ଖତ ପ୍ରୟୋଗ କରନ୍ତୁ ।<br>• କଦଳୀରେ ଜଉ ପୋକର ର ଦମନ ପାଇଁ **Imidachloprid @** 2 ml/lt ବ୍ୟବହାର କରନ୍ତୁ। |
| **ପଶୁପାଳନ:** | | |
| ଗୋପାଳନ | | • ନିୟମିତ ପିଇବା ପାଇଁ ସଫା ପାଣି ଯୋଗାଇ ଦିଅନ୍ତୁ।<br>• ଗୁହାଳ ଘର କୁ ସଫା ରଖନ୍ତୁ।<br>• ପ୍ରତିଦିନ ପାଣି ରେ ଘର କୁ ଧୋଇ ଥଣ୍ଡା ରଖନ୍ତୁ। |
| କୁକୁଡା ପାଳନ | | • ଚିଆଁ କୁ ପ୍ରଥମ ସପ୍ତାହ ମଧରେ Lasota ଏବଂ ଦୁଇ ସପ୍ତାହ ମଧରେ IBT ର ଟୀକାକରଣ କରାନ୍ତୁ।<br>• ପିଇବା ପାଇଁ ବିଶୁଦ୍ଧ ଜଳ ଦିଅନ୍ତୁ। |


**ଯୋଗାଯୋଗ:**

**ନାମ: ଶୁଭକାନ୍ତ ସାମନ୍ତରାୟ**

**Email: subhakantaofficial95@gmail.com**


ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଲିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**